Roll No | | | | | | | |

# DAV PUBLIC SCHOOLS, ODISHA ZONE
## PERIODIC TEST-II/HALFYEARLY EXAMINATION (2023-24)

. Check that this question paper contains 3 printed pages.
. Check that this question paper contains 12 questions.
. Write down the Serial Number of the question in the left side of the margin while attempting it.

**ସାଧାରଣ ନିର୍ଦ୍ଦେଶାବଳୀ :**

* ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବରେ ଲେଖ ।
* ଏହି ପ୍ରଶ୍ନପତ୍ରରେ (କ,ଖ,ଗ,ଘ) ଭଳି 4ଟି ବିଭାଗରେ 12ଟି ମୁଦ୍ରିତ ପ୍ରଶ୍ନ ରହିଛି ।
* 'କ' ବିଭାଗ :ପଠନ - 10 ଅଙ୍କ
* 'ଖ' ବିଭାଗ :ଲିଖନ - 15 ଅଙ୍କ
* 'ଗ' ବିଭାଗ :ବ୍ୟାକରଣ - 20 ଅଙ୍କ
* 'ଘ' ବିଭାଗ :ସାହିତ୍ୟ- 35 ଅଙ୍କ
* ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଧାର୍ଯ୍ୟ ସମୟରେ ଦେବା ନିମନ୍ତେ ମାନସିକ ସ୍ତରରେ ପ୍ରସ୍ତୁତ ହୁଅ।
* ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ସମୟରେ ଉତ୍ତର ଖାତାରେ ସେହି ପ୍ରଶ୍ନର କ୍ରମିକ ସଂଖ୍ୟା ନିଶ୍ଚୟ ଲେଖ ।
* ଗୋଟିଏ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟପ୍ରଶ୍ନର ଉତ୍ତର ଲେଖ ।

## CLASS-VI
## SUBJECT-HIGHER ODIA

**Time Allowed: 3hr** **Marks- 80**

### 'କ' ବିଭାଗ (ପଠନ-୧୦)

**1. ଅନୁଚ୍ଛେଦଟି ପଢି ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଲେଖ।** (5X2=10)

ମନୁଷ୍ୟ ଏକ ସାମାଜିକ ଜୀବ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ଜୀବମାନଙ୍କ ଠାରୁ ଅନେକାଂଶରେ ଭିନ୍ନ । ମନୁଷ୍ୟ ପାଖରେ ମନ, ବୁଦ୍ଧି ଓ ବିବେକ ବୋଧ ରହିଛି ଯାହା ଅନ୍ୟ ଜୀବଜନ୍ତୁମାନଙ୍କ ପାଖରେ ବିକଶିତ ହୋଇ ନାହିଁ । ଭଲ ମନ୍ଦ, ଠିକ୍ ଭୁଲ, ଉଚିତ୍ ଅନୁଚିତ୍ ଆଦି ବିଚାର କରିବାର ଅଦ୍ଭୁତ କ୍ଷମତା ମନୁଷ୍ୟ ପାଖରେ ରହିଛି । ତା'ର ଆଉ ଏକ ବିଶେଷତ୍ୱ ହେଲା – ସେ କ୍ରମ ଉନ୍ନତିଶୀଳ । ବିବର୍ତ୍ତନଧାରାରେ ମନୁଷ୍ୟ ସବୁବେଳେ ଅଗ୍ରଗାମୀ ହୋଇଛି । ଅତୀତର ଅଭିଜ୍ଞତାକୁ ପଛରେ ଛାଡ଼ି ସେ ଆଗେଇଯାଉଛି ଭବିଷ୍ୟତ ଆଡକୁ ।ମନୁଷ୍ୟ ଭିତରେ ସମାଧି ନେଇସାରିଥିବା ପଶୁପଣିଆ ପୁଣି ଉଠି ଆସୁଛି । ପଶୁପଣିଆର ପ୍ରଭାବରେ ବୁଦ୍ଧିଲୋପ ପାଇଯାଏ, ମନୁଷ୍ୟ ଅଜ୍ଞାନ ପରି ଆଚରଣ କରେ । ତା'ର କୁକର୍ମ ଯୋଗୁଁ ଅନ୍ୟମାନେ ଗଭୀର ଭାବରେ ପ୍ରଭାବିତ ହୋଇଥାନ୍ତି ।ଇତର ପ୍ରବୃତ୍ତି ସହନଶୀଳତା ଓ ଗ୍ରହଣଶୀଳତାର ଅଭାବକୁ ଜନ୍ମ ଦେଇଥାଏ । ମଣିଷକୁ ସର୍ବପ୍ରଥମେ ଏହି ଦୁର୍ଗୁଣସବୁକୁ ପରିହାର କରିବାକୁ ପଡିବ । ଆଲୋକ ଓ ଅନ୍ଧକାରର ଏକତ୍ର ଅବସ୍ଥାନ ଯେମିତି ଅସମ୍ଭବ, ସେହିପରି ଭଲପଣିଆ ଓ ମନ୍ଦପଣିଆର ଏକାଠି ରହଣି ଅସମ୍ଭବ ।

ପ୍ରଶ୍ନାବଳୀ :

କ)ମନୁଷ୍ୟ ପାଖରେ କ'ଣ ରହିଛି ଯାହା ଅନ୍ୟ ଜୀବଜନ୍ତୁମାନଙ୍କ ପାଖରେ ବିକଶିତ ହୋଇ ନାହିଁ ?
ଖ) ମନୁଷ୍ୟ ପାଖରେ କେଉଁ ଅଦ୍ଭୁତ କ୍ଷମତା ରହିଛି ?
ଗ) କେଉଁ ଧାରାରେ ମନୁଷ୍ୟ ସବୁବେଳେ ଅଗ୍ରଗାମୀ ହୋଇଛି ?
ଘ)ପଶୁପଣିଆର ପ୍ରଭାବରେ କ'ଣ ହୁଏ?
ଙ)ଇତର ପ୍ରବୃତ୍ତି କାହାକୁ ଜନ୍ମ ଦେଇଥାଏ ?

## ‘ଖ’ ବିଭାଗ (ଲିଖନ-୧୫)

**2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** (1X8=8)

i) ସ୍ୱାସ୍ଥ୍ୟ ହିଁ ସମ୍ପଦ ii) ବର୍ଷାଋତୁ iii) ଓଡ଼ିଶାର ପର୍ବପର୍ବାଣୀ

**3. ଯେ କୌଣସି ଗୋଟିଏ ବିଷୟରେ ପତ୍ର ଲେଖ ।** (1X7=7)

ଗ୍ରୀଷ୍ମ ଛୁଟି କିପରି କଟାଇଲ, ତାହା ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

(କିମ୍ବା)

ପରୀକ୍ଷା ପାଇଁ ତୁମେ ନିଜକୁ କିପରି ପ୍ରସ୍ତୁତ କରୁଛ ଜଣାଇ ବାପାଙ୍କ ପାଖକୁ ପତ୍ର ଲେଖ ।

## ‘ଗ’ ବିଭାଗ (ବ୍ୟାକରଣ-୨୦)

**4. ନିର୍ଦ୍ଦେଶାନୁସାରେ ଉତ୍ତର ଲେଖ ।**

**କ) ଶୂନ୍ୟସ୍ଥାନ ପୂରଣ କର ।** (3X1=3)

(i) ପ୍ରାଣୀ ଜୀବନ _______ ।

(ii) ଆଜିର ପିଲା ଆସନ୍ତା କାଲିର _______।

(iii) ୧୯୨୧ ମସିହାରେ ମହାତ୍ମା ଗାନ୍ଧି ପ୍ରଚାର ଉଦ୍ଦେଶ୍ୟରେ _______କୁ ଆସିଥିଲେ ।

**ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।** (3X1=3)

(i) ନିୟମ (ii) ହାନି (iii) ସାମାନ୍ୟ

**ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କର ।** (4X1=4)

(i) ମହାରାଜା (ii) ଛାତ୍ର (iii)ବାଘୁଣୀ (iv) ସମୁଦ୍ରୁଣୀ

**5. ନିର୍ଦ୍ଦେଶାନୁସାରେ ଉତ୍ତର ଲେଖ ।**

**କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ ।** (3X1=3)

(i) ପୃଥିବୀ (ii) ବନ (iii) ଜଳ

**ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବାକ୍ୟଗଠନ କର ।** (3X1=3)

(i) ଗପସପ (ii) ପ୍ରତ୍ୟାବର୍ତ୍ତନ (iii) ବୀଜ

**ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଶବ୍ଦାର୍ଥ ଲେଖ ।** (4X1=4)

(i) ଓଜସ୍ୱିନୀ (ii) ନିଶାମୁଖ (iii) ପ୍ରତିବାଦ (iv) ଦିନକର

## ଘ’ ବିଭାଗ (ସାହିତ୍ୟ-୩୫)

**6. ସପ୍ରସଙ୍ଗ ସରଳାର୍ଥ ଲେଖ ।** (1×5=5)

ମାଛି ନ ହୋଇ ମହୁମାଛି ହେବା ,ଘାଆରେ ନ ବସି ଫୁଲରେ ବସିବା ।

କିମ୍ବା

ଆମେ ସମସ୍ତେ ସଚେତନ ଓ ସତର୍କ ହେଲେ , ଆମର ଓ ଆମ ଦେଶର ମଙ୍ଗଳ ସାଧିତ ହେବ ।

**7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।** (3×2=6)

କ) ବନ୍ଦୀ ନିଜ ଦେହରୁ ଜାମାଟି କାଢ଼ି ଦର୍ପଣ ଆଗରେ କାହିଁକି ଝୁଲେଇ ଦେଲେ ?

ଖ) କ'ଣ କଲେ ଆମେ ସଡ଼କ ଦୁର୍ଘଟଣାକୁ ଏଡ଼ାଇ ପାରିବା ?

ଗ) ଛାତ୍ରମାନେ ଗାନ୍ଧିଜୀଙ୍କୁ କିପରି ସୁରକ୍ଷା ଦେଇଥିଲେ ?

**8. ବହୁବୈକଳ୍ପିକ ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ବାଛି ଲେଖ ।** (4×1=4)

କ) ଲେଖକ ସତ୍ୟନାରାୟଣ ରାଜଗୁରୁ କାହାକୁ ନିଜର ପିତାମହୀ ବୋଲି କହିଛନ୍ତି ?

(i) ପାରଳାଖେମୁଣ୍ଡି (ii) ଉତ୍କଳ (iii) ପୃଥିବୀ (iv)ଭାରତ

ଖ) କେଉଁ ଆଲୁଅ ଜଳିଲେ ଆଗକୁ ଯିବାପାଇଁ ସୂଚନା ମିଳେ?

(i) ଲାଲ୍ (ii) ସବୁଜ (iii) ହଳଦିଆ (iv)କମଳା

ଗ) ସଭରକର୍ ଆଣ୍ଡାମାନ ଜେଲରେ କେତେ ବର୍ଷ କଟାଇଥିଲେ ?

(i) ଦଶ (ii)ବାର (iii)ଚଉଦ (iv) କୋଡିଏ

ଘ) ପୁରାତନ ଭାରତର ଛାତ୍ରମାନେ କେଉଁସ୍ଥାନରେ ରହି ଶିକ୍ଷାଲାଭ କରୁଥିଲେ ?

(i) ଆଶ୍ରମରେ (ii)ନଦୀପଠାରେ (iii)ଅରଣ୍ୟରେ (iv) ପର୍ବତ ଉପରେ

**9. ସପ୍ରସଙ୍ଗ ସରଳାର୍ଥ ଲେଖ (୧ଟିର) ।** (1×5=5)

ମହୀମଣ୍ଡଳ ଦୁଃଖ ଚାହିଁ
ଜଳ ଛାଡ଼ିଲା ତୋଷ ହୋଇ ।

କିମ୍ବା

" ଅମୃତ ପାଣି କଦଳୀ , ଲବଣୀ ସଙ୍ଗତେ ଗୋଳି
ଅଧାମ ଗୋଟିକା ପୁଳି ,ଖଣ୍ଡ ସଙ୍ଗେ ଭୁଞ୍ଜାଇବି ସର ହେ ।"

**10. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।** (3×2=6)

କ) ବର୍ଷା ଋତୁକୁ ସକଳ ଋତୁଙ୍କର ସାର ବୋଲି କବି କାହିଁକି କହିଛନ୍ତି ?

ଖ) ଶ୍ରୀକୃଷ୍ଣ ନିଦରୁ ଉଠିବା ପରେ ମା' ଯଶୋଦା କ'ଣ କରିବେ ବୋଲି କହୁଛନ୍ତି ?

ଗ) ଶ୍ରୀକୃଷ୍ଣ କେଉଁ କାରଣରୁ ପଥଶ୍ରମ ପାଇ ଅଧିକ ସମୟ ଶୋଇଯାଇଛନ୍ତି ?

**11. ବହୁବୈକଳ୍ପିକ ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ବାଛି ଲେଖ ।** (4×1=4)

କ) ପୃଥିବୀ ସୂର୍ଯ୍ୟଙ୍କ ଉତ୍ତାପରେ କେତେ ମାସ ଉତ୍ତପ୍ତ ଥିଲା ?

(i) ଅଷ୍ଟ ମାସ (ii) ଦଶ ମାସ (iii)ଏକାଦଶ ମାସ (iv)ଦ୍ୱାଦଶ ମାସ

ଖ) ଖଦ୍ୟୋତ କେତେବେଳେ ଉଡ଼ିବୁଲେ ?

(i) ରାତି ସମୟରେ (ii)ସକାଳ ସମୟରେ (iii) ସନ୍ଧ୍ୟା ସମୟରେ (iv) ମଧ୍ୟାହ୍ନ ସମୟରେ

ଗ) ଶ୍ରୀକୃଷ୍ଣଙ୍କୁ ନଦୀକୂଳରେ କ'ଣ ଖାଇବାକୁ ମାତା ଯଶୋଦା କହିଛନ୍ତି ?

(i) ଦଧିଅନ୍ନ (ii) ଲବଣୀ (iii) ପୁଳି (iv)ଅଧାମ

ଘ) ଶ୍ରୀକୃଷ୍ଣଙ୍କୁ କେଉଁମାନେ ଅଚ୍ୟୁତ ନାମ ଧରି ଡାକିଛନ୍ତି ?

(i) ଯଶୋଦା (ii)କବି ବନମାଳୀ (iii) ଗୋପସୁତ (iv) ଦେବକୀ

**12. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।** (1×5 =5)

ଜାନକୀ ବାଇର ପୁଅର କିଭଳି ମୃତ୍ୟୁ ହେଲା ? କାଜିଙ୍କ ଆଦେଶ ସୁଲତାନ କିଭଳି ପାଳନ କଲେ ?